
ଶନିବାର ,୨୫ ଜୁନ୍ , ୨୦୨୨

# ପିଲାଙ୍କ ଧରିତ୍ରୀ



# ଅହଙ୍କାର ତ୍ୟାଗ କର

ଗପ

**ସୁ**ବର୍ଣ୍ଣପୁର ରାଜ୍ୟରେ ଏକଦା ଏକ ମନ୍ଦିର ପ୍ରତିଷ୍ଠା ଅବସରରେ ବିଶାଳ ଯଜ୍ଞାନୁଷ୍ଠାନ ବଡ଼ ଧୁମ୍‌ଧାମ୍‌ରେ ଆୟୋଜନ କରାଗଲା । ଏହି ଅବସରରେ ସେହି ରାଜ୍ୟର ରାଜାଙ୍କୁ ମଧ୍ୟ ନିମନ୍ତ୍ରଣ କରାଗଲା । ରାଜାଙ୍କର ଯେମିତି କୌଣସି ଅସୁବିଧା ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଗଲା । ନିର୍ଦ୍ଧାରିତ ଦିନ ରାଜା ନିଜର ଅଙ୍ଗରକ୍ଷୀମାନଙ୍କ ସହିତ ରାଜକୀୟ ଠାଣିରେ ହାତୀ ପିଠିରେ ବସି ଯଜ୍ଞାନୁଷ୍ଠାନରେ ଯୋଗଦେବା ପାଇଁ ବାହାରିଲେ ।

ସେଠି ପହଞ୍ଚିବା ପରେ ରାଜା ନିଜର ସୁବର୍ଣ୍ଣର ଜୋତାକୁ ଖୋଲି ଦେଇ ଖାଲି ପାଦରେ ଯଜ୍ଞସ୍ଥଳକୁ ଯିବାକୁ ଉଦ୍ୟତ ହେଲେ । ଏହା ଦେଖି ଆୟୋଜକମାନଙ୍କ ଭିତରୁ ଜଣେ ଦୁଇଟି ରେଶମୀ କନାରେ ତିଆରି ଜୋତା ରାଜାଙ୍କ ପାଦରେ ପିନ୍ଧାଇବାକୁ ବସି ପଡ଼ିଲେ ।


ଆୟୋଜକଙ୍କୁ ଏମିତି କରିବା ଦେଖି ରାଜା ଟିକିଏ ହସି ଦେଇ ତାଙ୍କ କାନ୍ଧକୁ ଧରି ତାଙ୍କୁ ତଳୁ ଉଠାଇଲେ । ତା'ପରେ କହିଲେ, ଆରେ.. ! ଆପଣ ଏ କ'ଣ କରୁଛନ୍ତି ? ସେହି ବ୍ୟକ୍ତି ଜଣକ କହିଲେ, ମହାରାଜ ! ଏହା ତ ଆମର କର୍ତ୍ତବ୍ୟ । ଆପଣ ହେଉଛନ୍ତି ଏ ରାଜ୍ୟର ରାଜା । ଆପଣ ଯଦି ଖାଲି ପାଦରେ ଚାଲିବେ ତେବେ ଆପଣଙ୍କ ପଦଯୁଗଳରେ ଧୂଳି ଲାଗିଯିବ !

ରାଜା ଏକଥା ଶୁଣି ହସି ହସି କହିଲେ, ମହାଶୟ, ମୁଁ ଏ ରାଜ୍ୟର ରାଜା ହେଲେ କ'ଣ ହେଲା, ଆପଣ ବୋଧହୁଏ ଧର୍ମାନୁଷ୍ଠାନ ବାହାରେ ଜୋତା ଛାଡ଼ି ଯିବାର ମର୍ମଟା ବୁଝିନାହାନ୍ତି । ଏହାର ମର୍ମ ହେଲା...ଆପଣ ଯେତେବେଳେ ଏଭଳି ପବିତ୍ର ଆଧ୍ୟାତ୍ମିକ ସ୍ଥଳ ଅଥବା ଧର୍ମାନୁଷ୍ଠାନକୁ ଯାଉଛନ୍ତି, ସେତେବେଳେ ଆପଣ ଜୋତା ସହିତ ନିଜର ଅହଙ୍କାରକୁ ମଧ୍ୟ ବାହାରେ ଛାଡ଼ି ଦେଇ ଯାଉଛନ୍ତି । ମୋର ସୁବର୍ଣ୍ଣ ଜୋତା ସହିତ ମୁଁ ମୋ ରାଜକୀୟ ଅହଙ୍କାରକୁ ବାହାରେ ଛାଡ଼ି ଦେଇ ଆସିଲି । ଏବେ ମୁଁ ଖାଲି ପାଦରେ ଆପଣମାନଙ୍କ ସହିତ ଏକାକାର । ତେଣୁ ଏବେ ଏହି ରେଶମୀ ଜୋତା ପିନ୍ଧିବାର ଆଉ କୌଣସି ଆବଶ୍ୟକ ନାହିଁ । ଏତିକି କହି ରାଜା ଆଗେଇ ଚାଲିଲେ ଯଜ୍ଞସ୍ଥଳ ଆଡ଼କୁ ।

**–ନୃସିଂହ ଚରଣ ବେହେରା**

ୟୁନିଟ-୯, ବାୟାବାବା ମଠ ଲେନ, ଭୁବନେଶ୍ୱର

ମୋ: ୯୦୯୦୪୫୯୭୪୫



## ଖିଲି ଖିଲି ହସ

**ପପୁ:** ଆମେ ପାଣି କାହିଁକି ପିଇଥାଉ ।
**ଦୀପୁ:** ମୁଁ କହୁଛି
**ପପୁ:** ଆଚ୍ଛା, କହ ....
**ଦୀପୁ:** କାହିଁକି ନା ପାଣିକୁ ଆମେ ଖାଇ ପାରୁନା !

ଦିନେ ଚୋରଟିଏ ରାଜୁର ମୋବାଇଲ ଚୋରାଇ ଦୌଡ଼ିବାକୁ ଲାଗିଲା । ଏହାଦେଖି ରାଜୁ ଜୋର୍‌ରେ ହସିବାକୁ ଲାଗିଲା । ରାଜୁର ହସ ଦେଖି ତା ସାଙ୍ଗ କହିଲା –ଆରେ ସାଙ୍ଗ ତୋ ମୋବାଇଲ ଚୋର ନେଇଗଲା, ହେଲେ ତୁ ହସୁଛୁ ?
**ରାଜୁ:** ସେ ନେଇଯାଉ, ହେଲେ ଚାର୍ଜର ତ ମୋ ପାଖରେ ଅଛି ନା !

**(ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା)**
**ପ୍ରଥମ ସାଙ୍ଗ:** ତୋ ବାପା କ'ଣ କରୁଛନ୍ତି ?
**ଦ୍ୱିତୀୟ ସାଙ୍ଗ:** ଏଚ୍‌ଡିଏଫ୍‌ସିର ମାଲିକ ଅଛନ୍ତି
**ପ୍ରଥମ ସାଙ୍ଗ:** ଆରେ ବାଃ ,ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମାଲିକ ?
**ଦ୍ୱିତୀୟ ସାଙ୍ଗ:** ନା ନା , ତାଙ୍କର ହୀରାଲାଲ ଦହିବରାଫାଲୁଦାସେଣ୍ଟର(ଏଚ୍‌ଡିଏଫ୍‌ସି)ଅଛି !

## ତୁମ ପଢ଼ିବା ପାଇଁ

# କୁନା କହେ କୁନିକୁ




**ପି**ଲାମାନଙ୍କ ମନୋରଞ୍ଜନ ପାଇଁ କବିତା ମିଶ୍ରଙ୍କ ଦ୍ୱାରା ସମ୍ପାଦିତ 'କୁନା କୁହେ କୁନି'କୁ ପ୍ରକାଶ ପାଇଛି । ଏଥିରେ ଶିଶୁ ଓ କିଶୋରମାନଙ୍କ ପାଇଁ ଅତି ସୁନ୍ଦର ଓ ମଜାଳିଆ କବିତା ପ୍ରକାଶ କରାଯାଇଛି । ଏଥିରେ କୁନାକୁନି ପାଳିଲେ ରଜ, ବାପୁଙ୍କ ପିଲାଦିନ, କରୋନା ଭୂତ, ଯୋଗ କରିବା ଆସ, ଗାନ୍ଧୀ ଅଜାଙ୍କ ତିନି ମାଙ୍କଡ଼ ଇତ୍ୟାଦି କବିତାଗୁଡିକ ବେଶ୍ ମନଛୁଆଁ ହୋଇପାରିଛି । ଏହାର ମୂଲ୍ୟ ରହିଛି ୧୦୦ଟଙ୍କା ।

ଯୋଗାଯୋଗ– ଶିଶୁ ପ୍ରତିଭା, ନୀଳାଦ୍ରି ବିହାର, ଭୁବନେଶ୍ୱର–୨୧

## ମତାମତ

▸▸ ପ୍ରତି ଶନିବାର 'ପିଲାଙ୍କ ଧରିତ୍ରୀ' ପଢ଼ିବାକୁ ଉତ୍ସୁକତାର ସହ ଅପେକ୍ଷା କରିଥାଏ । ଏହାର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ ।

**–ଶର୍ମିଷ୍ଠା ପଟ୍ଟନାୟକ,** ବୁର୍ଲା, ସମ୍ବଲପୁର

▸▸ ପିଲାମାନେ ଯୋଗକୁ ନିଜ ଅଭ୍ୟାସରେ ପରିଣତ କରିଛନ୍ତି ଦେଖି ଖୁସି ଲାଗୁଛି । 'ଫିଟ୍‌ନେସ୍ ମନ୍ତ୍ର ଯୋଗ' ବିଷୟରେ ପିଲାଙ୍କ ମତାମତ ପଢ଼ି ଭଲ ଲାଗିଲା ।

**–ମହେଶ ଦାଶ,** ନୂଆପଡ଼ା

▸▸ 'ରଙ୍ଗଦିଅ' ସ୍ତମ୍ଭରେ ଦିଆଯାଉଥିବା ଚିତ୍ରକୁ ପିଲାମାନଙ୍କ ଦ୍ୱାରା ରଙ୍ଗକରି ପ୍ରକାଶ କରାଗଲେ ଖୁବ୍ ଭଲ ହୁଅନ୍ତା ।

**–ମୋନା ରାୟ,** ନିମାପଡ଼ା, ପୁରୀ

▸▸ 'ଚଗଲା ଭୀମୁ' ଓ 'ହସକଥା' ସ୍ତମ୍ଭଟି ପିଲାଙ୍କ ପାଇଁ ବେଶ୍ ମନୋରଞ୍ଜନ ହୋଇ ପାରୁଛି ।

**–ସୌମ୍ୟରଞ୍ଜନ ପଣ୍ଡା,** କ୍ରୀଦାଶପୁର, ନୟାଗଡ଼

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



# ଚାଲ ଯିବା ରଥଯାତରା

ରଥର ଘର୍ଘର ନାଦରେ ଥରି ଉଠିବ ବଡଦାଣ୍ଡ। ଦୁଇ ବର୍ଷ ଅପେକ୍ଷାର ଅନ୍ତ ଘଟିବ। ପୁଣି ଏକାଠି ହେବେ ଭକ୍ତ ଏବଂ ଭଗବାନ। ଜୟ ଜଗନ୍ନାଥ ଧ୍ୱନିରେ ପୂରି ଉଠିବ ବଡ଼ଦାଣ୍ଡ। କାଳିଆ ତା'ର କିରିଟ ନଚାଇ ଝୁଲି ଝୁଲି ରଥ ଉପରକୁ ଆସିବ। ଆଉ ଭାଇ ଭଉଣୀଙ୍କ ସହ କାଳିଆ ସାଆନ୍ତଙ୍କୁ ରଥରେ ବସାଇ ମାଉସୀ ଘରକୁ ନେବା ପାଇଁ ବେଶ୍ ଉତ୍କଣ୍ଠିତ ଭକ୍ତ..

ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେବାକୁ ଯାଉଛି ରଥଯାତ୍ରା। କରୋନା କଟକଣା କୋହଳ କରାଯାଇଥିବାରୁ ଏଥର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସିବେ। ଦୀର୍ଘଦିନର ବ୍ୟବଧାନ ପରେ ସ୍ୱଚକ୍ଷୁରେ ଭକ୍ତ ରଥରେ ଦାରୁଦିଅଁଙ୍କୁ ଦର୍ଶନ କରିବେ। ତେବେ ଏଥର ରଥଯାତ୍ରାକୁ ପିଲାମାନେ କିପରି ଭାବରେ ପାଳନ କରିବେ ସେ ସମ୍ପର୍କରେ........



## ରଥ ଟାଣିବା ପାଇଁ ଖୁସି ଅଛି

**-ରାକେଶ ମିଶ୍ର** *(କ୍ଲାସ୍-୬, କୋରୁଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ)*



ଦୀର୍ଘ ୨ବର୍ଷ ପରେ ରଥଯାତ୍ରାରେ ଭକ୍ତମାନଙ୍କୁ ଯିବା ପାଇଁ ଅନୁମତି ମିଳିଛି। ପ୍ରତିବର୍ଷ ରଥଯାତ୍ରାରେ ପରିବାର ସହ ପୁରୀ ଯାଏ। କିନ୍ତୁ କରୋନା କଟକଣା ଯୋଗୁ ରଥରେ ପୁରୀ ଯାଇପାରୁ ନ ଥିଲି। ସେଥିପାଇଁ ମୋ ମନ ବହୁତ ଦୁଃଖ ହେଉଥିଲା। ଏଥର ସେ ସୁଯୋଗ ମିଳିଛି। ରଥର ୨ଦିନ ପୂର୍ବରୁ ସପରିବାର ପୁରୀ ଯିବୁ ବୋଲି ପ୍ଲାନିଂ କରିଛୁ। ଏଥର ରଥ ଦଉଡ଼ି ଛୁଇଁବି ବୋଲି ଭାବି ମନ ବହୁତ ଖୁସି ହୋଇଯାଉଛି।



## ମିନାବଜାର ବୁଲିବି

**-ସରିତା ସାହୁ** *(କ୍ଲାସ୍-୧୦, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଡିଏ, କଟକ)*



ପୁରୀରେ ରଥଯାତ୍ରା ଦେଖିବା ମୋ ପାଇଁ ନିଆରା ଅନୁଭୂତି। ଘଣ୍ଟ, ଘଣ୍ଟା, ମୃଦଙ୍ଗ ତାଳରେ ବଡଦାଣ୍ଡ ଉଚ୍ଛୁଳି ପଡୁଥାଏ। କରୋନା ସମୟରେ ଟିଭିରେ ରଥଯାତ୍ରାର ସିଧାପ୍ରସାରଣ ଦେଖି ବହୁତ ଦୁଃଖ ଲାଗୁଥିଲା। ପୁରୀ ଯାଇପାରିଲିନି ବୋଲି ମନରେ ଅବସୋସ ରହୁଥିଲା। ହେଲେ ଏବର୍ଷ ସେଥିପାଇଁ କୌଣସି କଟକଣା ନାହିଁ। ଭାଇ ସହ ରଥ ଟାଣିବି। ରଥ ପରେ କିଛିଦିନ ରହି ପଲ୍ଲିଶ୍ରୀ ମେଳା ଓ ମିନାବଜାର ବୁଲି ଦେଖିବି।

## ଜୟ ଜଗନ୍ନାଥ ଧ୍ୱନିରେ ନାଚିବି

**-ରେଜିଆ ପରୱିନ୍** *(କ୍ଲାସ୍-୯, ସେଣ୍ଟ ଜନ୍ ସ୍କୁଲ, ତାଳଚେର)*



ଏବର୍ଷ ପୁରୀ ଯିବି ବୋଲି ବହୁତ ଖୁସି ଅଛି। ରଥରେ ତିନି ଦିଅଁଙ୍କୁ ଦର୍ଶନ କରିବି। ଜୟ ଜଗନ୍ନାଥ ଧ୍ୱନିରେ ବଡଦାଣ୍ଡ ପୂରି ଉଠିବ। ଭଜନ, କୀର୍ତ୍ତନରେ ନାଚି ଉଠିବା ପାଇଁ ମୁଁ ଅସ୍ଥିର ହୋଇଯାଏ। ରଥ ଚାଲୁଥିବା ସାଙ୍ଗକୁ ହରିବୋଲ ସତେକି ପୁରୀର ପ୍ରତିଟି କୋଣକୁ ପ୍ରତିଧ୍ୱନିତ୍ କରୁଥାଏ। ପରିବାର ସହ ପୁରୀ ଯିବି। ରଥରେ ଦାରୁ ବିଗ୍ରହଙ୍କ ଦର୍ଶନ ମିଳିଲେ ମନକୁ ଶାନ୍ତି ଲାଗିବ।

## ଗାଁରେ ରଥ ଟାଣିବୁ

**-ସ୍ୱୟଂସିଦ୍ଧ ବାରିକ** *(କ୍ଲାସ-୯, ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳଜଙ୍ଗ, ଜଗତ୍‌ସିଂହପୁର)*



ଦି' ବର୍ଷ ପରେ ଏଥର ରଥଯାତ୍ରା ହେବ ଶୁଣି ବହୁତ ଖୁସି ଲାଗୁଛି। ସେଥିପାଇଁ ତ ଆମେ ଏଥର ଆମ ଗାଁରେ ଦଧିବାମନ ମନ୍ଦିରରେ ରଥ ତିଆରି କରି ଗାଁ ସାରା ବୁଲାଇବୁ ବୋଲି ସବୁ ପ୍ରସ୍ତୁତି କରି ସାରିଛୁ। ଠାକୁରଙ୍କ ରଥ ତିଆରି ହୋଇ ରଙ୍ଗ ଦିଆ ସରିଛି। ରଥରେ ତିନି ଠାକୁରଙ୍କୁ ବସାଇ ଆମେ ପିଲାମାନେ ହିଁ ରଥ ଟାଣିବୁ। ସେଦିନ ଗାଁ ସାରା ଲୋକ ବିଭିନ୍ନ ପ୍ରକାରର ପିଠାପଣା କରି ଭୋଗ ଲଗାନ୍ତି। ତେଣୁ ଦିନସାରା ପିଠା ଆଉ ମିଠା ଖାଇ ବହୁତ ଖୁସିରେ କଟିଯିବ।

## ମେଳା ବୁଲିବି

**କ୍ଷୀରାବ୍ଧି ତନୟା ନାଥ** *(କ୍ଲାସ-୯, ଓଡିଏମ୍ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର)*



ରଥଯାତ୍ରା ଦିନ ଏଥର ମୁଁ ମାମୁ ଘରକୁ ଯିବି। ମାମୁଘର ଗାଁରେ ରଥ ଯାତ୍ରାରେ ରଥଟଣା ସହ ମେଳା ହୁଏ ଆଉ ମିନାବଜାର ପଡେ। ସେଥିପାଇଁ ମୁଁ ଗୋଟେ ଦିନ ଆଗରୁ ମାମା ସହିତ ମାମୁଘରକୁ ପଳେଇବି। ଦି'ବର୍ଷ ହେଲା ମୁଁ ମେଳା ଦେଖିନି। ଏଥର ମେଳା ବୁଲିବି ଭାବି ବହୁତ ଖୁସି ଲାଗୁଛି। ରଥଯାତ୍ରାରେ ମାମୁ ଆମକୁ ଯାତ୍ରା ଖର୍ଚ୍ଚ ଦିଅନ୍ତି ଆଉ ବଡ ମାମୁଙ୍କ ପୁଅ ଟିକୁନୁ ଭାଇ ସାଙ୍ଗେ ମୁଁ ବୁଲାବୁଲି କରି ଦୋଳିରେ ବସିବି, ଆଇସ୍‌କ୍ରିମ୍ ଖାଇବି।







୧



୨




୩



୪



୯




୫



୬



୭



୮



ତନ୍ମୟ ବିଶ୍ୱାଳ
କ୍ଲାସ- ୮, ଅପର ପ୍ରାଇମେରୀ ସ୍କୁଲ, ଭଞ୍ଜନଗର, ଗଞ୍ଜାମ
୧



ସ୍ନେହଲତା ପରିଡା
କ୍ଲାସ- ୬, ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱର
୩



ତ୍ରିଦୀପ କୁମାର ସାହୁ
କ୍ଲାସ- ୭, ଓଡିଶା ଆଦର୍ଶ ବିଦ୍ୟାଳୟ, ବାଣପୁର, ଖୋର୍ଦ୍ଧା
୫



ଦୀପ୍ତିଶୀଖା ଦାଶ
କ୍ଲାସ- ୨, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର
୭



ଜ୍ୟୋତିରାଣୀ ବାରିକ
କ୍ଲାସ- ୯, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର
୯



ଚନ୍ଦନା ଦାଶ
କ୍ଲାସ-୩, କିଟ୍ ଇଣ୍ଟର ନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
୨



ଅଭିଜିତ୍ ପ୍ରିୟରଞ୍ଜନ
କ୍ଲାସ- ୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାକ୍ଷୀଗୋପାଳ
୪



ଓମ୍ ଜିଗର ପଟ୍ଟନାୟକ
କ୍ଲାସ- ୮, ସେଣ୍ଟ ଜାଭିଅର ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର
୬



ଦୀକ୍ଷା ଦେବାଂଶୀ ବରାଳ
କ୍ଲାସ- ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର
୮



ଆର୍ଯ୍ୟାହି ଦ୍ରଶ୍ୟା
କ୍ଲାସ୍-୧, କିଟ୍ ଇଣ୍ଟର ନ୍ୟାସନାଲ ସ୍କୁଲ, ଭୁବନେଶ୍ୱର
୧୦



୧୦



## କବିତା

### ତିନି ରଥ

ଜଗତ ସାଆନ୍ତ କାଳିଆ ସୁନାର
ଅଟେ ନନ୍ଦିଘୋଷ ରଥ
ତା'ର ଧ୍ୱଜ ନାମ ତ୍ରୈଲୋକ୍ୟ ମୋହିନୀ
ନିଜେ ନିଜ ସ୍ରଷ୍ଟା ନାଥ ।
ଚୌରାଳିଶ ଫୁଟ ଦୁଇ ଇଞ୍ଚ ହୋଇ
ରଥ ଯେ ନିର୍ମାଣ ହୁଏ
ଚକ ଷୋଳଗୋଟି ଶଗଡ଼ ପରିକା
ଚାରିପଟେ ଲାଗିଥାଏ ।
ରକ୍ଷକ ତାହାର ଗରୁଡ଼ ଅଟଇ
ସାରଥି ତା'ର ମାତଳୀ
ଯାଉଥାଏ ଯେବେ ବଡ଼ ଦାଣ୍ଡେ ଝୁଲି
ବାଜେ ଘଣ୍ଟ ହୁଳହୁଳି ।
ତାଳଧ୍ୱଜ ରଥ ବଳଭଦ୍ରଙ୍କର
ଦେଖିବାକୁ କି ସୁନ୍ଦର
ତେୟାଳିଶ ଫୁଟ ତିନି ଇଞ୍ଚ
ଉଚ୍ଚତା ଅଟେ ଏ ରଥର ।
ଥାନ୍ତି ପଣ୍ଡା ପୁଅ ଡାହୁକ ଘଣ୍ଟିଆ
ରଥର ଦଉଡ଼ି ବାସୁକି
ସୋରିଷ ବିଞ୍ଚିଲେ ତଳେ ପଡ଼ିବନି
ସାରଥି ଅଟଇ ଦାରୁକ ।
ଦର୍ପଦଳନଟି ଅତି ମନୋରମ
ଭଉଣୀ ସୁଭଦ୍ରାଙ୍କର
କରନ୍ତି ଚାଳନା ହେଲେ ଆନମନା
ଦେବ ଅର୍ଜୁନ ସାରଥି ।
ଅଖ ଲାଗିଥିବା ବାର ଗୋଟି ଚକ
ଜୟ ମା' ଦୁର୍ଗା ରକ୍ଷକ
ଆ ଲୋ ସଙ୍ଗିନୀ ସାଙ୍ଗ ହୋଇ ଯିବା
ଦେଖିବା ପାଇଁ କ୍ଷଣିକ ।

**–ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର

### ପ୍ରକୃତି

ପଞ୍ଚ ମହାଭୂତେ ଗଢ଼ା ଏ ସଂସାର
ପାଉଛୁ କେତେ ଆଦର,
ଜଳ, ସ୍ଥଳ,ବାୟୁ, ଆକାଶ ଓ ଅଗ୍ନି
ପୃଥିବୀରେ ହେଲେ ସାର ।
ଉଚ୍ଚ ପରବତୁ ଜନମ ଲଭିଛି
ଚିରସ୍ରୋତା କେତେ ନଈ,
ସାଗରେ ମିଶନ୍ତି ପୀୟୂଷ ବାଣ୍ଟନ୍ତି
ହସି ଉଠେ ଏଇ ମହୀ ।
ଛୋଟ ବଡ଼ ହୋଇ କେତେ ବୃକ୍ଷ ରାଜି
ନିଜ ସ୍ଥାନେ ବିରାଜନ୍ତି,
ଫୁଲ, ଫଳ, ଛାଇ ଅମ୍ଳଜାନ ଦେଇ
ପ୍ରାଣୀଙ୍କ ସେବା କରନ୍ତି ।
ନିତି ପ୍ରଭାତରେ ସୂରୁଜ ହସନ୍ତି
ଦିଅନ୍ତି କିରଣ ବିଞ୍ଚି,
ସକଳ ଶକ୍ତିର ଆଧାର ଅଟନ୍ତି
ତାଙ୍କ ପାଖେ ଅଛି ଚାବି ।

**–ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ଭୁବନେଶ୍ୱର–୨



### କଳିକଳୁଷନାଶନ


ଆଷାଢ଼ ଶୁକଳ ଦ୍ୱିତୀୟା ଆସିଛି
ବିଶ୍ୱରେ ବାଜୁଛି ବାଜା,
ଭାଇ ଭଗ୍ନୀ ସହ ତିନି ରଥେ
ବିଜେ କରିବେ କାଳିଆ ରଜା ।
ତିନି ରଙ୍ଗେ ଶୋହେ ତିନିଗୋଟି ରଥ
ଚାରମାନେ ହୋଇ ଛନ୍ଦି,
ପହଣ୍ଡି ବିଜୟ କରିବେ ଠାକୁରେ
ମୁଣ୍ଡରେ ଟାହିଆ ବାନ୍ଧି ।
ଗଜପତି ରାଜା ପହଁରିବେ ରଥ
ସ୍ୱର୍ଣ୍ଣ ସମାର୍ଜନୀ ଧରି,
ଭକତେ ଟାଣିବେ ରଥ ତିନିଗୋଟି
ଦଉଡ଼ିକୁ ହାତେ ଭିଡ଼ି ।
ସାରଥିଙ୍କ ହସ୍ତେ ଅଶ୍ୱଙ୍କ ଲଗାମ
ଡାହୁକ ହାତରେ ବେତ,
ଭକତ ମେଳରେ ଗୁଣ୍ଡିଚା ମନ୍ଦିରେ
ଗଡ଼ିଯିବେ ତିନି ରଥ ।
ନବଦିନ ଯାତ୍ରା କରିବେ ଠାକୁରେ
ଭକ୍ତଙ୍କୁ ଦେବେ ଦର୍ଶନ,
ଭକ୍ତ ମନୋବାଞ୍ଛା ପୂରଣ କରିବେ
କଳିକଳୁଷନାଶନ ।

**–ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ସର୍ବକନିଷ୍ଠ ଯୋଗ ଗୁରୁ

ସୁସ୍ଥ ଓ ନୀରୋଗ ରହିବା ପାଇଁ ଯୋଗ କରିବା ଆବଶ୍ୟକ । ତୁମରି ବୟସର ରେୟାନ୍ସ ସୁରାନି ଯୋଗ ଶିକ୍ଷକ ଭାବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ଦୁବାଇର ରେୟାନ୍ସ ୪ବର୍ଷ ବୟସରୁ ତାଙ୍କ ମାତାପିତାଙ୍କ ସହ ଯୋଗାଭ୍ୟାସ କରୁଥିଲେ । ପରେ ସେ ଏହାକୁ କ୍ୟାରିୟର ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ସେ ଋଷିକେଶର ଯୋଗ ଟ୍ରେନିଂରେ ଭାଗ ନେଇଥିଲେ । ରେୟାନ୍ସ କୁହନ୍ତି, ମୁଁ ଗାଁ ପରିବେଶରେ ରହିବାକୁ ବହୁତ ଆଗ୍ରହୀ ଥିଲି ଏବଂ ସେଠାକାର ଗାଉଁଲି ଜୀବନ ମୋତେ ବହୁତ ଭଲ ଲାଗିଥିଲା । ବିଳାସପୂର୍ଣ୍ଣ ସାମଗ୍ରୀ ସେଠାରେ କିଛି ନ ଥିଲା ଏବଂ ମୋତେ ସେହି ସବୁ ଛାଡ଼ି ପ୍ରାକୃତିକ ପରିବେଶରେ ଯୋଗ କରିବାକୁ ଶାନ୍ତି ଲାଗୁଥିଲା । ସେଠାରେ ଯୋଗ ଶିଖିବା ସହ ଆଲାଇନମେଣ୍ଟ, ଆଷ୍ଟନୋମିକ ଫିଲୋସୋଫି ଏବଂ ଆୟୁର୍ବେଦିକ ବିଷୟରେ ବିଭିନ୍ନ ତଥ୍ୟ ଜାଣିବାକୁ ପାଇଲି । ପରେ ୯ବର୍ଷ ବୟସରେ ସେଠାର ଆନନ୍ଦ ଶେଖର ଯୋଗ ସ୍କୁଲରୁ ୨୦୦ ଘଣ୍ଟାର ଯୋଗ ଶିକ୍ଷକର ଟ୍ରେନିଂ ଶେଷ କରିଥିଲି । ବର୍ତ୍ତମାନ ସେ କିଛି ଅନୁଷ୍ଠାନରେ ଯୋଗଶିକ୍ଷା ଦେଉଛନ୍ତି । ଏଥିସହ ସ୍କୁଲ୍‌ରେ ନିଜ ସହପାଠୀଙ୍କୁ ବି ଯୋଗ ଶିଖାଉଛନ୍ତି । ସମସ୍ତଙ୍କ ପାଖରେ ନିଜେ ଶିଖିଥିବା ଜ୍ଞାନକୁ ବାଣ୍ଟି ଆତ୍ମସନ୍ତୋଷ ପାଆନ୍ତି ବୋଲି କହିଛନ୍ତି । ଗିନିଜ୍ ରେକର୍ଡର ଟାଇଟଲ୍ ହାସଲ କରି ସେ ନିଜକୁ ଷ୍ଟାର ମାନନ୍ତି ବୋଲି ଖୁସି ପ୍ରକାଶ କରି କୁହନ୍ତି । ସେ ଭବିଷ୍ୟତରେ ଭର୍ଚୁଆଲ ରିଆଲିଟି ଯୋଗା ସେସନ୍‌କୁ ହୋଷ୍ଟ କରିବା ପାଇଁ ଇଚ୍ଛା ରଖିଛନ୍ତି ।



## ଏଥରର

- କେଉଁ ଦେଶରେ ଟ୍ରାଫିକ୍ ଲାଇଟ୍ ଦେଖିବାକୁ ମିଳି ନ ଥାଏ ?
- ବିଶ୍ୱର ସବୁଠାରୁ ବଡ଼ ଫୁଟବଲ୍ ଉତ୍ପାଦନ କେନ୍ଦ୍ର ଭାବେ କେଉଁ ଦେଶକୁ ଗଣାଯାଏ ?
- ଦୁନିଆରେ ପ୍ରଥମେ କିଏ ହେଡ୍‌ଫୋନ୍ ଉଦ୍ଭାବନ କରିଥିଲେ ?
- ପୁରାତନ କାଳରେ କେଉଁ ଦେଶର ଲୋକମାନେ ପିଆଜକୁ ପୂଜା କରୁଥିଲେ ?
- ପୃଥିବୀର ସବୁଠାରୁ ପୁରୁଣା ଗଛ କେଉଁଠି ଦେଖାଯାଏ ?

## ଗତଥରର

- ରାମଫଳ
- ଚାଇନା
- ବାର୍ବାକୋରୁ
- କଖାରୁ, ଟମାଟୋ
- ୨୩୦ମିଲିୟନ ବର୍ଷ ପୂର୍ବରୁ

## କହିଲ ଦେଖି

ଷୋହଳଟି ଚକ ସେଥିରେ ଥାଏ
ଦାରୁକ ତାଙ୍କର ସାରଥୀ ହୁଏ
ଗରୁଡ,ନୃସିଂହ ତା'ର ରକ୍ଷକ
ଅସ୍ତ୍ର ସାଜିଥାଏ ଶଙ୍ଖ ଓ ଚକ୍ର
ଶ୍ୱେତ ରଙ୍ଗର ଚାରୋଟି ଘୋଡା
ନାଲି ହଳଦିଆ ଲାଗେ କପଡା
ଗରୁଡ ଅଟଇ ପତାକା ଚିହ୍ନ
ଧ୍ୱଜପମୂର୍ତ୍ତି ପଞ୍ଚମୁଖୀ ହନୁମାନ
ଶଙ୍ଖଚୁଡ ନାମେ ଲାଗେ ଦଉଡି
ଭକ୍ତ ଆନନ୍ଦରେ ନିଅନ୍ତି ଭିଡି ।



ଉ– **ନନ୍ଦିଘୋଷ ରଥ**



ଲାଗେ ସେଥିରେ ଚଉଦ ଚକ
ବାସୁଦେବ ସାଜନ୍ତି ରଥ ରକ୍ଷକ
ହଳ ଓ ମୁସଳ ରଥର ଅସ୍ତ୍ର
ନାଲି ଓ ସବୁଜ ଲାଗଇ ବସ୍ତ୍ର
ଚାରି ଗୋଟି ଘୋଡା କଳା ରଙ୍ଗର
ନନ୍ଦ ଓ ସୁନନ୍ଦ ତା ଦ୍ୱାରପାଳ
ମାତଳୀ ଅଟଇ ରଥ ସାରଥୀ
କି ସୁନ୍ଦର ରଥ ଦିଶଇ ଅତି
୭୩୧ କାଠର ରଥଟି ସିଏ
ନାମଟି ତାହାର କହିବ କିଏ

ଉ– **ତାଳଧ୍ୱଜ**

କି ସୁନ୍ଦର ଅଟେ ରଥଟି ସିଏ
ବାରଟି ଚକରେ ନିର୍ମିତ ହୁଏ
ଗଙ୍ଗା ଓ ଯମୁନା ତା ଦ୍ୱାରପାଳ
ଜୟଦୁର୍ଗା ପରା ଧ୍ୱଜପମୂର୍ତ୍ତି
ନାଲିଆ ରଙ୍ଗର ଚାରୋଟି ଘୋଡା
ନାଲି, କଳା ରଙ୍ଗ ଲାଗେ କପଡା
ସେ ରଥ ସାରଥୀ ସାଜନ୍ତି ଅର୍ଜୁନ
ନାଦମ୍ବିକା ଅଟେ ପତାକା ନାମ
ସ୍ୱର୍ଣ୍ଣଚୂଡ ଅଟେ ରଥ ଦଉଡି
ଆନନ୍ଦରେ ଭକ୍ତ ନିଅନ୍ତି ଭିଡି ।



ଉ– **ଦେବଦଳନ**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର,
ଯାଜପୁର, ମୋ: ୮୮୯୨୩୦୧୧୪୩



### ଅନ୍ଧାରରେ ରହିଲେ ରଙ୍ଗ ବଦଳେ

ପିଲାମାନେ ତୁମେ ତ ଗୋଲ୍ଡ ଫିଶ୍ ଦେଖିଥିବ। ତାକୁ ଆମେ ସାଧାରଣତଃ ଆକ୍ୱାରିୟମ୍‌ରେ ରଖିଥାଉ। କିନ୍ତୁ ଆଉଗୋଟେ କଥା ଜାଣି ନଥିବ ଯଦି ତୁମେ ଗୋଲ୍ଡ ଫିଶ୍‌କୁ ଅନ୍ଧାର ଘରେ ରଖିବ, ତେବେ ତା'ର ରଙ୍ଗ ଟିକେ ପାଉଁଶିଆ ଦେଖାଯିବ।



### ସହଜରେ ଖାଇପାରେ ସାପ

ସାପ ଏକ ମାଂସାଶୀ ସରୀସୃପ। ସେ ଯେକୌଣସି ଛୋଟ ପୋକ, ଚଢ଼େଇ, ସ୍ତନ୍ୟପାୟୀ ପ୍ରାଣୀକୁ ଖୁବ୍ ସହଜରେ ଖାଇପାରେ।



### ଠେକୁଆ

ଠେକୁଆ ଦେଖିବାକୁ ଖୁବ୍ ସୁନ୍ଦର । କିନ୍ତୁ ଠେକୁଆ ସମ୍ପର୍କରେ ଆଉ ଗୋଟେ କଥା ପିଲାଏ ଜାଣିଛ !ଅଣ୍ଡିରା ଠେକୁଆକୁ 'ବକ୍' କୁହାଯାଉଥିବା ବେଳେ ମାଈ ଠେକୁଆକୁ 'ଡଜ୍' କୁହାଯାଏ।


### ଗାଈର ପାକସ୍ଥଳୀ

ଗାଈକୁ ଆମେ ଗୃହପାଳିତ ପ୍ରାଣୀ ରୂପେ ପାଳନ କରୁ। କିନ୍ତୁ ତା' ବିଷୟରେ ଗୋଟିଏ କଥା ହୁଏତ ଜାଣି ନ ଥିବେ ଯେ ତା'ର ପାକସ୍ଥଳୀ ବହୁତ ବଡ଼। କିନ୍ତୁ ଏହାର ପାକସ୍ଥଳୀ ଚାରିଭାଗରେ ବିଭକ୍ତ ହୋଇଛି, ଯାହା ଭାଗ ଭାଗ



### ହରିଣର ଗଲବ୍ଲାଡର ନାହିଁ

ପିଲାମାନେ ତୁମେ ତ ହରିଣ ଦେଖିଥିବ। କିନ୍ତୁ ଏହି ଜୀବକୁ ନେଇ ଏକ ରୋଚକ ତଥ୍ୟ ରହିଛି। ତାହା ହେଲା, ସେମାନଙ୍କ ଶରୀରରେ ଗଲବ୍ଲାଡର(ପିତ୍ତକୋଷ) ନ ଥାଏ। ହରିଣମାନେ ଗୋଟିଏ ଜାଗାରେ ଏକତ୍ରିତ ହେଲେ ତାହାକୁ 'ହର୍ଡ' କୁହାଯାଏ।



### କିପରି ଡିଏଁ କଙ୍ଗାରୁ

ପିଲାଏ, କଙ୍ଗାରୁ ବିଷୟରେ ଅଳ୍ପ ବହୁତ କିଛି କଥା ଜାଣିଥିବ। କିନ୍ତୁ କଙ୍ଗାରୁ ଡେଇଁବା ସମୟରେ ତା'ର ଲାଙ୍ଗୁଡ଼କୁ ବ୍ୟବହାର କରିଥାଏ। କାରଣ ତା'ର ଲାଙ୍ଗୁଡ଼ ସାହାଯ୍ୟରେ ସେ ନିଜ ଶରୀରର ସନ୍ତୁଳନ ରକ୍ଷା କରେ।



ଆ

ଇ

ନା



ନୀରିକ୍ଷା
୪ ବର୍ଷ / ଢେଙ୍କାନାଳ



ଦିବ୍ୟାଂଶି
୧୨ ବର୍ଷ / ଫୁଲନଖରା